# ମନ ମୋହିଲା କଳାକାରଙ୍କ ଲୋକନୃତ୍ୟ

**ଚଇତିର ଚତୁର୍ଥ ସନ୍ଧ୍ୟା**

■ ମଞ୍ଚରେ ଯୋଗଦେଲେ ପ୍ରମୁଖ ଇଣ୍ଡଷ୍ଟ୍ରିର ମୁଖ୍ୟ ନିର୍ବାହୀ ଅଧିକାରୀମାନେ

ରାୟଗଡ଼ା, ୨୯।୧୨
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଲୋକ ମହୋତ୍ସବ ଚଇତି ଚତୁର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ଥିଲା। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷା ସ୍ୱଧାଦେବ ସିଂ ଯୋଗଦେଇ ଚଇତି ଭାଇଚାରାର ପରିଚୟ ସୃଷ୍ଟି କରିବା ସହ ଗାଁରୁ ସହର ସମସ୍ତଙ୍କୁ ଏକାଠି କରିପାରିଛି ବୋଲି କହିଥିଲେ । ଚଇତି ମଞ୍ଚରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଓ ଗୁଣୁପୁର ଉପଜିଲାପାଳଙ୍କ ଲଳିତ କୁମାର କହଁରଙ୍କ ସମେତ ଉତ୍କଳ ଆଲୁମିନା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଜହର ବେଗ୍, ଆଦାନୀ ଗ୍ରୁପର କଳିଙ୍ଗ ଆଲୁମିନା ଲିମିଟେଡ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନୱଲ କିଶୋର ଶର୍ମା, ଜେକେ ପେପର ମିଲ ଉପସଭାପତି ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିନୟ ଦ୍ୱିବେଦୀ ଏବଂ ଇମ୍ଫା ଉପସଭାପତି ଆଶିଷ କୁମାର ରାୟ ପ୍ରମୁଖ ମଞ୍ଚାସିନ ଥିଲେ। ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହାପରେ ଅତିଥିମାନେ ଚଇତି ମହୋତ୍ସବ ଓ ରାୟଗଡ଼ା ଜିଲାର ସଂସ୍କୃତି ଉପରେ ନିଜର ଅଭିଭାଷଣ ରଖିଥିଲେ। କଳାକାର ଓ ଏହାର ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ ପାଇଁ ମୁଖ୍ୟ ମାଧ୍ୟମ ହେଉଛି ଚଇତି ବୋଲି ନିଜ ଅଭିଭାଷଣରେ କହିଥିଲେ ଇମ୍ଫା ଉପସଭାପତି ଆଶିଷ ରାୟ।



ଚଇତି ମଞ୍ଚରେ ମଞ୍ଚାସୀନ ଜିଲାପାଳଙ୍କ ସହ ଉତ୍କଳ ଆଲୁମିନା, କଳିଙ୍ଗ ଆଲୁମିନା, ଜେକେ ପେପର ମିଲ୍ ଓ ଇମ୍ଫାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ।

ଏହାପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଉପସ୍ଥାପକ ଶୁଭମ ଓ ଉପସ୍ଥାପିକା ସୋନାଲି ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ଦଳ ପକ୍ଷରୁ ବିଶେଷ ନୃତ୍ୟ, ଟିଟଲାଗ ଡାପ ନୃତ୍ୟ, କଟକ ଜିଲାର ସିଂଘମ ନୃତ୍ୟ ସମେତ ପଦ୍ମପୁର, ରାମନାଗୁଡା, କୋଲନରା, କଲ୍ୟାଣସିଂହପୁରର ସାଂସ୍କୃତିକ ଦଳ ପକ୍ଷରୁ ଲୋକନୃତ୍ୟ ପରିବେଷଣ କରାଯାଇଥିଲା । ଅନ୍ୟ ସାଂସ୍କୃତିକ ଦଳ ମଧ୍ୟରେ ରାୟଗଡା ନାରୀଶକ୍ତି ନୃତ୍ୟ ଗ୍ରୁପ, ମାଁ ସମଲେଇ ନୃତ୍ୟ ଦଳ ଓ ଦିବ୍ୟ ଦର୍ଶନୀ ଗ୍ରୁପ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଶେଷରେ ପ୍ରସିଦ୍ଧ ଗାୟକ ଅଭିଜିତ୍ ମଜୁମଦାର ଓ ତାଙ୍କ ଗ୍ରୁପ୍ ସଙ୍ଗୀତ ପରିବେଷଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ବସନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ। ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାକୁ ରାୟଗଡ଼ା ଏସଡିପିଓ ରଶ୍ମିରଞ୍ଜନ ସେନାପତି ଓ ଟାଉନ ଥାନା ଆଇଆଇସି କେକେବିକେ କହଁର କଡାକଡି ଭାବେ ନଜର ରଖିଥିଲେ।


ଟିଟିଲାଗଡ଼ କଳାକାରମାନେ ଡାପ ନୃତ୍ୟ ପରିବେଷଣ କରୁଛନ୍ତି।

## ଗୌଡ଼ସାହି ରାସ୍ତା ଶୋଚନୀୟ, ମରାମତି ଦାବି


ଡ୍ରେନ୍ ପୋତି ହୋଇଯାଇଥିବାରୁ ମଇଳା ପାଣି ରାସ୍ତାରେ ବୋହୁଛି।

ମୁନିଗୁଡା, ୨୯।୧୨ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ସଦର ମହକୁମାରେ ଥିବା ବ୍ଲକ୍ ଅଫିସରୁ ଗୌଡ଼ସାହି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ରାସ୍ତାରୁ ସିଧା ଧବଳେଶ୍ୱର ଶିବ ମନ୍ଦିର ଦେଇ ସିନେମା ହଲ୍ ରାସ୍ତାକୁ ସଂଯୋଗ କରୁଥିବା ବେଳେ ରାସ୍ତାର ଅପର ପାର୍ଶ୍ୱରେ ମନ୍ଦିର କମ୍ପ୍ଲେକ୍ସକୁ ସଂଯୋଗ ହୋଇଛି। ମନ୍ଦିର କମ୍ପ୍ଲେକ୍ସର ପ୍ରବେଶ ପଥର ଆରମ୍ଭରୁ ଗୋଟିଏ ପଟେ ଡ୍ରେନ ପୋତି ହୋଇ ପାଣି ରାସ୍ତାରେ ବୋହି ଯାଉଥିବା ବେଳେ ଅନ୍ୟପଟରେ ଆଦୌ ଡ୍ରେନ କରାଯାଇନାହିଁ। ସାହିର ଗୋଟିଏ ପାର୍ଶ୍ୱରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସମ୍ମୁଖରେ ଥିବା ଡ୍ରେନ ପୋତି ହୋଇଯାଇଥିବାରୁ ପାଣି ରାସ୍ତାରେ ବୋହୁଛି। ଫଳରେ ଛାତ୍ରୀଛାତ୍ର ମଇଳା ପାଣି ମାଡ଼ି ସ୍କୁଲ ଯାଉଥିବା ଦେଖିବାକୁ ମିଳୁଛି। ଡ୍ରେନ୍ ମରାମତି ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ନିର୍ବାଚନ ପାଖେଇ ଆସିଲେ ନେତାଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ପର୍ଯ୍ୟନ୍ତ ଗାଁରେ ପାଦ ପଡ଼େ। ନିର୍ବାଚନ ପରେ ରାସ୍ତା ନିର୍ମାଣ, ଡ୍ରେନ୍ ମରାମତି ସବୁ ହୋଇଯିବ ବୋଲି ପ୍ରତିଶ୍ରୁତ ଦେଇଥାନ୍ତି। କିନ୍ତୁ ଉକ୍ତ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଏ ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ପୁରୁଣା ପୋଷ୍ଟ ଅଫିସ ଦେଇ ପାଇକ ସାହିକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ। ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ଉକ୍ତ ରାସ୍ତା ଓ ଡ୍ରେନ୍ ମରାମତି କରାଯିବାକୁ ରାଜୀବ ଲୋଚନ ଦାସ, ହାଡିପା ଗୌଡ଼, ଟୁନା ବନଛୋର, ସୀମା ମିସ୍ତ୍ରି, ବିଜେଡି ନେତା ବୈକୁଣ୍ଠ ବନଛୋର, ରାଜେନ୍ଦ୍ର ପାତ୍ର, ରାଧାରମଣ ଦାସ ପ୍ରମୁଖ ଦାବି କରିଛନ୍ତି।

## ପଲ୍ଲିଶ୍ରୀ ମେଳାରୁ ଫୁଟ୍‌ପାଥ୍ ବ୍ୟବସାୟୀଙ୍କୁ ହଟାଇଲା ପୋଲିସ

ରାୟଗଡ଼ା, ୨୯।୧୨ (ଆଶିଷ ରଞ୍ଜନ ପଣ୍ଡା)

**ଧରିତ୍ରୀ ପ୍ରଭାବ**

ରାୟଗଡ଼ା ପଲ୍ଲିଶ୍ରୀ ମେଳାରେ ଫୁଟ୍‌ପାଥ ବ୍ୟବସାୟୀମାନେ ଜବରଦସ୍ତ ପ୍ରବେଶକରି ବିଭିନ୍ନ ଷ୍ଟଲ ସମ୍ମୁଖରେ ପସରା ମେଲାଇଥିଲେ। ଫଳରେ ଷ୍ଟଲ ଖୋଲିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ତରଫରୁ ବିରୋଧ କରାଯିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏ ନେଇ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଶୁକ୍ରବାର ସେମାନଙ୍କୁ ପଡ଼ିଆରୁ ବାହାର କରାଯାଇଛି। ସେମାନଙ୍କ ଜିନିଷପତ୍ର ମଧ୍ୟ ପଡ଼ିଆରୁ ଉଠାଇ ବାହାରକୁ ନେଇ ଆସିଛନ୍ତି। ଏଥିସହ ଗେଟ୍ ଦାୟିତ୍ୱରେ ରହିଥିବା ପୋଲିସ ଓ ସିକ୍ୟୁରିଟି କର୍ମଚାରୀଙ୍କୁ ଫୁଟ୍‌ପାଥ୍ ବ୍ୟବସାୟୀଙ୍କୁ ପଡ଼ିଆ ଭିତରକୁ ନ ଛାଡିବାକୁ ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି, ପଲ୍ଲିଶ୍ରୀ ମେଳାରେ ଓର୍‌ମାସ ପକ୍ଷରୁ ୩ ଶହରୁ ଉର୍ଦ୍ଧ୍ୱ ଷ୍ଟଲ ବ୍ୟବସ୍ଥା କରାଯାଇଛି । ଏହି ଷ୍ଟଲ୍‌ରେ ଜିଲା ଓ ଜିଲା ବାହାରୁ ଆସିଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ସାମଗ୍ରୀ ବିକ୍ରି କରିବା ପାଇଁ ଷ୍ଟଲରେ ଦୋକାନ ଖୋଲିଛନ୍ତି । ତେବେ ଏହି ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ଫୁଟ୍‌ପାଥ୍ ବ୍ୟବସାୟୀ ସେମାନଙ୍କ ଷ୍ଟଲ ସମ୍ମୁଖରେ ବିନା ଅନୁମତିରେ ନିଜ ସାମଗ୍ରୀ ବିକ୍ରି ପାଇଁ ପସରା ମେଲାଇ ବସିଥିଲେ। ଫଳରେ ଏସ୍‌ଏଚ୍‌ଜି ଗ୍ରୁପମାନଙ୍କ ବ୍ୟବସାୟରେ କ୍ଷତି ଘଟୁଥିଲା । ଏହାକୁ ବିରୋଧକରି ବୁଧବାର ସମସ୍ତ ଷ୍ଟଲର ଏସ୍‌ଏଚ୍‌ଜି ଗ୍ରୁପ ମହିଳାମାନେ ଜିସିଡି ପଡ଼ିଆର ଗେଟ୍ ବନ୍ଦ କରିଦେଇଥିଲେ। ଉତ୍ତେଜନା ବଢ଼ିବା ଆଶଙ୍କାରେ ପୋଲିସ ସେଠାରେ ପହଞ୍ଚି ଫୁଟ୍‌ପାଥ୍ ଦୋକାନୀଙ୍କୁ ପଡ଼ିଆରୁ ଉଠାଇଥିଲା ।

## ପିଲାଙ୍କୁ ନେଇ ଅଭିନନ୍ଦନପତ୍ର ପ୍ରସ୍ତୁତି

ରାୟଗଡା, ୨୯।୧୨ (ଆଶିଷ ରଞ୍ଜନ ପଣ୍ଡା)

ଅନୁଷ୍ଠାନ ବିକଳ୍ପ- ଆମ ମାଟି : ଆମ ସଂକଳ୍ପ ପକ୍ଷରୁ ରାୟଗଡ଼ା ଜିଲା କୋଡାପାଡି ଗ୍ରାମରେ ପ୍ରାଥମିକ ଶ୍ରେଣୀର ପିଲାଙ୍କୁ ନେଇ ଏକ ସୃଜନାତ୍ମକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ କିଛି ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ଏକ ଶିଷ୍ଟ ମଣ୍ଡଳୀ କୋଡାପାଡିକୁ ଯାଇ ଆଗକୁ ନୂଆ ବର୍ଷ ଆସୁଥିବାରୁ ନିଜ ସାଙ୍ଗସାଥିଙ୍କୁ ଅଭିନନ୍ଦନ ଜଣାଇବାର କୌଶଳ ସମ୍ପର୍କରେ ପିଲାଙ୍କୁ ଅବଗତ କରିଥିଲେ। ପରେ ବିକଳ୍ପର ସଦସ୍ୟ ଜଗଦୀଶ ଚନ୍ଦ୍ର ଦୋରା ଓ ଡ଼. ଦ୍ୱିତୀ ଚନ୍ଦ୍ର ସାହୁ ଅଦରକାରୀ ଜିନିଷକୁ ନେଇ କିଭଳି ସୁନ୍ଦର ଅଭିନନ୍ଦନପତ୍ର ପ୍ରସ୍ତୁତ କରିହେବ ସେ ସମ୍ପର୍କରେ ପିଲାଙ୍କୁ ତାଲିମ ଦେଇଥିଲେ। ପରେ ପିଲାମାନେ ନିଜସ୍ୱ ସୃଜନରେ ଅଭିନନ୍ଦନପତ୍ର ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୧ବର୍ଷ ଧରି ବିକଳ୍ପ ପକ୍ଷରୁ ଏହି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଏସଏଚଜି ମହିଳାଙ୍କୁ ସଚେତନତା ଓ ସାକ୍ଷର କରାଇବା, ଗ୍ରାମବାସୀଙ୍କୁ ନୈତିକ ଶିକ୍ଷା ପ୍ରଦାନ ସହ ପିଲାମାନଙ୍କୁ ବ୍ୟବହାରିକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷାଦାନ ଦିଗରେ କାର୍ଯ୍ୟ କରି ଆସୁଛି । ନିକଟରେ ମହାମହିମ ରାଜ୍ୟପାଳ ରଘୁବର ଦାସ ଏହି ଗ୍ରାମକୁ ଯାଇ ପିଲାଙ୍କ ସହ ଆଲୋଚନା କରିବା ସମୟରେ ପିଲାଙ୍କ ଭିତରେ ଥିବା ବିଚକ୍ଷଣତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ଼. ପ୍ରସନ୍ନ କୁମାର ଗନ୍ତାୟତ, ଡ଼. ବିନୋଦ କୁମାର ପାତ୍ର, ମନ୍ମଥ ନାଥ ଡୁଲ, ରବି ଶତପଥୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଯୁବଶକ୍ତିର ବିକାଶ ପାଇଁ ସରକାରଙ୍କ ଅଭିନବ ପ୍ରୟାସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଗୁଣପୁର କଲେଜରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ଗୁଣପୁର, ୨୯।୧୨ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର କଲେଜରେ ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଭାପତି ମୋହନ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ଓଡ଼ିଶା ସରକାରଙ୍କର ଏହା ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ଏହାଦ୍ୱାରା ଯୁବଶକ୍ତିର ବିକାଶ ସହ ଏକ ଭଲ ମଣିଷ ହେବା ପାଇଁ ପ୍ରେରଣା ଯୋଗାଇବ । ସେହିପରି ସମ୍ମାନିତ ଅତିଥି ଭାବେ ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସାମାଜିକ ସେବା ମନୋଭାବ ନେଇ ନିଜର ଦକ୍ଷତା ପ୍ରତିପାଦନ କରିବାପାଇଁ ଏହା ଏକ ସୁନ୍ଦର କାର୍ଯ୍ୟକ୍ରମ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗୁଣପୁର ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାପକ ଡ. ଜୱାହରଲାଲ ଚୌଧୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ ନୋଡାଲ ଅଫିସର ଡ. ସତ୍ୟବାନ ଗରଡ଼ା ବିବରଣୀ ପାଠ କରିଥିଲେ । ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ବିଭାଗରେ ଅଂଶଗ୍ରଣକାରୀଙ୍କୁ ପ୍ରଶଂସାପତ୍ର ଓ ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀ ତଥା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇଥିଲା। ସେହିପରି କ୍ରୀଡ଼ା ବିଭାଗରେ ସର୍ବାଧିକ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ର ଶେଖର ପାତିକା ଓ ଛାତ୍ରୀ ତନ୍ମୟୀ ଶବରଙ୍କୁ ଚାମ୍ପିୟନ ଘୋଷଣାକରି ପୁରସ୍କୃତ କରାଯାଇଥିଲା। ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆନ୍ତର୍ଜାତିକ ମିଲେଟ ୨୦୨୩ ପାଳନ

ମୁନିଗୁଡ଼ା, ୨୯।୧୨ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡା ପଞ୍ଚାୟତ ସମିତି ସଭା କକ୍ଷରେ ଆରସିଡିସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଆନ୍ତର୍ଜାତିକ ମିଲେଟ ୨୦୨୩ ବର୍ଷ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୁଣ୍ଡ୍ରକା, ମୁଖ୍ୟବକ୍ତା ଭାବେ ସରପଞ୍ଚ ସରସ୍ୱତୀ ଶବର ଏବଂ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ, ଏବିଓ ସହଦେବ ଚିଟୁଆନ, ଜିପିଓ ଭିକାରୀ ଚରଣ ଚିଟୁଆନ, ଜିତେନ୍ଦ୍ର କୁମାର ଧଳ, ଉପେନ୍ଦ୍ର କାଲିକା,ଅନନ୍ତ ପିଡିକାକା ଓ ଅନଙ୍ଗ ନାଗ ପ୍ରମୁଖ ଯୋଗଦେଇଥିଲେ। ପୁଷ୍ଟିଶସ୍ୟ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ଲକ୍‌ର ୮ ଜଣ ଅଗ୍ରଣୀ ଚାଷୀ ଓ ୨ଟି ମହିଳା ମଣ୍ଡଳକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଗୁଣପୁର, ୨୯।୧୨ (ପ୍ରଦୀପ କୁମାର ପାଢୀ)


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ପକ୍ଷରୁ ଶୁକ୍ରବାର କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ମିନି ଷ୍ଟାଡିୟମରେ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିବାବେଳେ ଚଇତି ପଡିଆରେ ଭଲିବଲ, କବାଡି ଏବଂ ଖୋକୋ ଆରମ୍ଭ ହୋଇଛି। ଶନିବାର କ୍ରିକେଟର ଫାଇନାଲ ମ୍ୟାଚ ଏବଂ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଲଳିତ କୁମାର କହଁର, ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଏବଂ ପୌର ନିର୍ବାହି ଅଧିକାରୀ ସ୍ୱସ୍ତିକ ଜମାଦାର ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକଙ୍କ ସମେତ ପୌର ପରିଷଦର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଇମ୍ଫା ପକ୍ଷରୁ ଦୁର୍ଘଟଣା ପରିଚାଳନା ମକ୍‌ଡ୍ରିଲ

ରାୟଗଡ଼ା/କୋଲନରା, ୨୯।୧୨
(ଆଶିଷ ରଞ୍ଜନ ପଣ୍ଡା/ମାନସ ମିଶ୍ର)

ରାୟଗଡ଼ା ଜିଲା ଥେରୁବାଲିସ୍ଥିତ ଇମ୍ଫା ପକ୍ଷରୁ ଦୁର୍ଘଟଣା ପରିଚାଳନା, ଜରୁରିକାଳୀନ ଯୋଜନା ଓ ପ୍ରସ୍ତୁତି ଉପରେ ଏକ ମକ୍‌ଡ୍ରିଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇମ୍ଫାର ଉପସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ କାରଖାନା ପରିଚାଳକ ଆଶିଷ କୁମାର ରାୟ ଅଂଶଗ୍ରହଣକାରୀ ସମସ୍ତ ପ୍ରତିନିଧିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୁରକ୍ଷା ବିଭାଗର ମୁଖ୍ୟ ସୁରକ୍ଷା ଅଧିକାରୀ ବିଜୟେନ୍ଦ୍ର ପ୍ରଧାନ କାରଖାନା ପରିସରରେ ଲଘୁ ଓଜନ ଡିଜେଲ ଅଏଲ୍ ବ୍ୟବହାର ଓ ସେହି ସମ୍ବନ୍ଧୀୟ ରାସାୟନିକ ଦୁର୍ଘଟଣାରେ ପ୍ରସ୍ତୁତି ଓ ପ୍ରଶମନ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଏସ୍.ଏନ୍. ସେଠୀ, ସ୍ଥାନୀୟ ଆରକ୍ଷୀ ବାହିନୀ, ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀ ଓ ପାରସ୍ପରିକ ସହଯୋଗୀ ସଂସ୍ଥାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଶେଷରେ ଇମ୍ଫାର ମାନବ ସମ୍ବଳ ବିଭାଗ ମୁଖ୍ୟ ସ୍ୱରୂପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।


କାରଖାନାରେ ଦୁର୍ଘଟଣା ରୋକିବା ନେଇ କର୍ମଚାରୀଙ୍କୁ ସଚେତନ କରାଯାଉଛି।

## ଭ୍ରଷ୍ଟାଚାର ବିରୋଧୀ ସଂଗଠନର ତଦନ୍ତ ଜାରି

ଗୁଣପୁର, ୨୯।୧୨ (ପ୍ରଦୀପ କୁମାର ପାଢ଼ୀ)

**ଆଦିବାସୀ ମହିଳାଙ୍କ ମୃତଦେହ ଜବତ ଘଟଣା**

ରାୟଗଡ଼ା ଜିଲା ଚନ୍ଦ୍ରପୁରରେ ଆଦିବାସୀ ମହିଳାଙ୍କୁ ଅମାନୁଷିକ ଭାବେ ହତ୍ୟା ଅଭିଯୋଗକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ତେଜିବାରେ ଲାଗିଛି। ଏହି କ୍ରମରେ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦଙ୍କ ନିର୍ଦ୍ଦେଶରେ ରାଜ୍ୟ ସଂଯୋଜକ ସୁବାସ ପଣ୍ଡା, ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ପଣ୍ଡା, ଜିଲା ସଂଯୋଜକ ରାଧାକୃଷ୍ଣ ପଟ୍ଟନାୟକ ଓ ଗୁଡାରି ବ୍ଲକର ସଭାପତି ତଥା ଶିକ୍ଷକ ନେତା ଗୌରୀଶଙ୍କର ମିଶ୍ର ଶୁକ୍ରବାର ଚନ୍ଦ୍ରପୁର ଗସ୍ତ କରି ଆଦିବାସୀ ମହିଳାଙ୍କ ହତ୍ୟା ଘଟଣାର ତଥ୍ୟ ସଂଗ୍ରହ କରି ଫେରିଛନ୍ତି। ଏହି କମିଟି ଚନ୍ଦ୍ରପୁରରେ ପହଞ୍ଚି ମା' ସୁଧାରଗୃହ ଓ ଲକ୍ଷ୍ମୀଙ୍କ ମୃତଦେହ ଜବତ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ମା' ସୁଧାରଘରେ ରହୁଥିବା ସମସ୍ତ କର୍ମଚାରୀ ଏବେ ପୋଲିସ ହେପାଜତରେ ଥିବାରୁ ତାଙ୍କୁ ଭେଟିବା ସମ୍ଭବ ହୋଇ ନ ଥିଲା । ଚନ୍ଦ୍ରପୁର ଥାନାକୁ ଯିବାବେଳେ ଗେଟରେ ତାଲା ପଡିଥିବାରୁ ଫାଟକ ନିକଟରେ ଏସଡିପିଓ ସନ୍ତୋଷୀ ଓରାମ, ଏସ୍‌ଆଇ ମନୋରଞ୍ଜନ ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ । ଏସଡିପିଓ ଓରାମଙ୍କୁ ଏହି ଘଟଣା ସମ୍ପର୍କରେ ପଚାରିବାରୁ ଏହି ମାମଲାର ତଦନ୍ତ ଚାଲିଛି, ଏ ପର୍ଯ୍ୟନ୍ତ ଏହି ମାମଲାରେ କାହାରିକୁ ଗିରଫ କରାଯାଇନାହିଁ । ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଧାର କରି ତଦନ୍ତ କରାଯାଉଥିବା ସେ କହିଥିଲେ।

ଅନ୍ୟପକ୍ଷରେ ତୁରନ୍ତ ଦୋଷୀଙ୍କୁ ବାହାର କରି ଦଣ୍ଡ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଭ୍ରଷ୍ଟାଚାର ବିରୋଧୀ ସଂଗଠନ ମା'ସୁଧାର ଗୃହ ସହ ସମ୍ପର୍କରେ ଥିବା ସେଠାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ସଞ୍ଜୁ ଚନ୍ଦ୍ର ପୁଟିଙ୍କ ସହ ଆଲୋଚନା କରିଥିବା ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଜିଲା ସଂଯୋଜକ ତଥା ବରିଷ୍ଠ ଖବରଦାତା ରାଧାକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି । କମିଟି ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ତଥ୍ୟ ସଂଗ୍ରହ କରି ରିପୋର୍ଟ ପ୍ରସ୍ତୁତି କରିଛି । ଅନୁସନ୍ଧାନ ରିପୋର୍ଟ କମିଟି ରାଜ୍ୟ ଆବାହକଙ୍କୁ ପ୍ରଦାନ କରିବ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ଏହି ଘଟଣାର ତଦନ୍ତ ପାଇଁ ଶୁକ୍ରବାର କ୍ରାଇମବ୍ରାଞ୍ଚ ଟିମ୍ ଚନ୍ଦ୍ରପୁରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।


ଅନୁସନ୍ଧାନକାରୀ ଦଳ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ମାଲକାନାଗିରିକୁ ହରାଇ ହାଇଦ୍ରାବାଦ ଚାମ୍ପିୟନ

ବାବା ଗଣେଶ୍ୱର ଇଣ୍ଟରଷ୍ଟେଟ୍ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ

ବୈପାରିଗୁଡ଼ା,୨୯।୧୨(କଳ୍ପତରୁ ମହାନ୍ତି)

ସ୍ଥାନୀୟ ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଚାଲିଥିବା ଗଣେଶ୍ୱର ଇଣ୍ଟରଷ୍ଟେଟ୍ ଟି ୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଶକ୍ରବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ଜେଆରସିସି ମାଲକାନାଗିରି ଓ କିଙ୍ଗସ୍ ଇଲେଭେନ୍ ହାଇଦ୍ରାବାଦ ମଧ୍ୟରେ ହୋଇଥିଲା। ମାଲକାନାଗିରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଖେଳି ୯ ଉଇକେଟ୍ ବିନିମୟରେ ୯୨ ରନ୍ କରିଥିଲା। ଏହାର ଜବାବରେ ହାଇଦ୍ରାବାଦ୍ ଟିମ୍ ୧୨ ଓଭରରେ ୩ଟି ବଲ୍ ଖେଳି ୭ ଉଇକେଟ୍ ହରାଇ ୯୬ ରନ୍ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ସମାରୋହରେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ଏସ୍.କେ. ପାଠକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଟିମ୍‌କୁ ଟ୍ରଫି ସହ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସେହିପରି ପରାଜିତ ଟିମ୍‌କୁ ରନର୍ସ ଟ୍ରଫି ଓ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ହାଇଦ୍ରାବାଦ ଟିମ୍‌ର ଅଜୟ ଯାଦବଙ୍କୁ ମ୍ୟାନ ଅଫ ଦି ସିରିଜ୍, ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବୋଲର ଭାବେ ସମ୍ମାନିତ କରାଯାଇଥିଲା।

### ନୂଆ ଓଡିଶା, ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ବୈପାରିଗୁଡ଼ା,୨୯।୧୨ (କଳ୍ପତରୁ ମହାନ୍ତି)

ସ୍ଥାନୀୟ ଶହୀଦ୍ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ନୂଆ ଓଡିଶା ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଘରାମ ପଡାଲ, ମୁଖ୍ୟବକ୍ତା ଭାବେ କୋଟପାଡ ବିଧାୟିକା ପଦ୍ମିନି ଦିଆନ, ସମ୍ମାନିତ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝି, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ପୂର୍ବତନ ଏମ୍‌ପି ଝିନ ହିକ୍କା , ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଟଳ ବିହାରୀ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବିଭିନ୍ନ ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କୁମୁଦ ରଞ୍ଜନ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଧାକୃଷ୍ଣ ମନ୍ଦିର ରତ୍ନମୁଦ ପାଇଁ ପ୍ରସ୍ତୁତି

ଚନ୍ଦାହାଣ୍ଡି,୨୯।୧୨ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଝରାବାହାଲଠାରେ ନୂତନ ରାଧାକୃଷ୍ଣ ମନ୍ଦିର ରତ୍ନମୁଦ ନିମନ୍ତେ ପାନାବେଡ଼ା ଯାଦବ ସମାଜର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ରତ୍ନମୁଦ କାର୍ଯ୍ୟକ୍ରମ ଆସନ୍ତା ୩ ତାରିଖରୁ ଆରମ୍ଭ ହୋଇ ୩ଦିନ ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରଥମ ଦିନରେ କଳସଯାତ୍ରା ଅଧିବାସ ଓ ବୃକ୍ଷପୂଜା, ଦ୍ୱିତୀୟ ଦିନରେ ଦେବୀପୂଜା, ଇନ୍ଦ୍ର ଇନ୍ଦ୍ରାଣୀ, ନଗର ପରିକ୍ରମା ଓ ତୃତୀୟ ଦିନରେ ସକାଳ ୧୦ଟାରେ ମନ୍ଦିରର ରତ୍ନମୁଦ, ହୋମଯଜ୍ଞ ଓ ପ୍ରସାଦ ସେବନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଯାଦବ ସମାଜର ବ୍ଲକ ସଭାପତି ଜଗଦୀଶ ଗୌଡ଼, ସମ୍ପାଦକ ଶୋଭା ପୋଡ଼, କୋଷାଧ୍ୟକ୍ଷ ଘନଶ୍ୟାମ କଟା, ଯୁବ ସଭାପତି ଭୋଦେବ ବାଗ , ବାସୁଦେବ ଗୌଡ଼, ଗୋଲକ ହାତୀ, ଭଗବାନ ବାଗ, କମଲୁ ମନହୀରା, ପତିରାମ ଭୁଏଡ, ରତନରାମ ନିଏଲ , ହରିଚନ୍ଦ୍ର ବାଗ, ପୁରୁଷୋତ୍ତମ ଗୋପାଳ,ବଂଶୀଧର ଗୋପାଳ, ପର୍ଶୁ ବାଗ, ଜୟରାମ ଜାଲ, ବଳରାମ କଟା, ଜଗବନ୍ଧୁ ଗୋପାଳ, ଜୟଧର ଚଣ୍ଡୀ, ପଞ୍ଚୁ ଜାଲ, କ୍ଷିତିରାମ ଗୋପାଳ, ହରିରାମ କଟା, ହରିଚନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷିଶିଳ୍ପ ପାଇଁ ୨୬ ଉଦ୍ୟୋଗୀଙ୍କୁ କାର୍ଯ୍ୟାଦେଶ

ନବରଙ୍ଗପୁର, ୨୯।୧୨(ସଦାଶିବ ପ୍ରହରାଜ)


ବୈଠକରେ ଜିଲାପାଳ ଅନ୍ୟ ଅଧିକାରୀ ଓ କୃଷିଶିଳ୍ପ ଉଦ୍ୟୋଗୀଙ୍କ ସହ ଆଲୋଚନା କରୁଛନ୍ତି।

କୃଷିଶିଳ୍ପ କ୍ଷେତ୍ରରେ ବିକାଶ ଏବଂ କୃଷି ଉଦ୍ୟୋଗୀଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷିଶିଳ୍ପ ଉଦ୍ୟୋଗୀଙ୍କୁ ରାଜ୍ୟ ସରକାର ସବସିଡି ଯୋଗାଇ ଦେଉଛନ୍ତି। ନବରଙ୍ଗପୁର ଜିଲା କୃଷି ବିଭାଗ ତରଫରୁ ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ଜିଲାସ୍ତରୀୟ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ମୋଟ ୨୬ କୃଷି ଉଦ୍ୟୋଗୀଙ୍କୁ କୃଷିଶିଳ୍ପ ପାଇଁ କାର୍ଯ୍ୟାଦେଶପତ୍ର ବଣ୍ଟନ କରାଯାଇଛି। ଏଥିରୁ କୃଷି ବିଭାଗ ପକ୍ଷରୁ ୧୫ଟି ଆଗ୍ରୋ ସର୍ଭିସ ସେଣ୍ଟର, ଉଦ୍ୟାନ କୃଷି ବିଭାଗରୁ ଗୋଟିଏ ବ୍ୟବସାୟିକ ଫଳ ଚାଷ, ଅନ୍ତଃ ବିଭାଗରୁ ୧ଟି ଗ୍ରାମାଞ୍ଚଳ ଗୋଦାମଘର ଏବଂ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୬ ଟି ବ୍ୟବସାୟ ଭିତ୍ତିକ ଗୋପାଳନ, ୨ ଟି ବ୍ୟବସାୟ ଭିତ୍ତିକ ବ୍ରଏଲର୍ ଫାର୍ମ ଏବଂ ୧ଟି ବ୍ୟବସାୟ ଭିତ୍ତିକ ମେଣ୍ଢା ଚାଷ ନିମନ୍ତେ ମୋଟ ୯ଟି କାର୍ଯ୍ୟାଦେଶପତ୍ର ପ୍ରଦାନ କରାଯାଇଛି। ଉକ୍ତ ୨୬ଟି ପ୍ରକଳ୍ପର ମୋଟ ଅଟକଳ ମୂଲ୍ୟ ୧୨, ୪୮,୮୫,୭୮୧ ଟଙ୍କା ଏବଂ ଆକଳନ କରାଯାଇଥିବା ମୋଟ ରିହାତି ୪,୪୮,୩୩,୩୪୧ ଟଙ୍କା ବୋଲି ଜିଲାପାଳ ସୂଚନା ଦେଇଛନ୍ତି । ଏହି ୨୬ ଜଣ କୃଷି ଉଦ୍ୟୋଗୀ ନିଜେ ଉନ୍ନତି କରିବା ସହ ଜିଲାର ଆର୍ଥିକ ମାନଦଣ୍ଡର ଉନ୍ନତିରେ ସହାୟକ ହେବା ପାଇଁ ଜିଲାପାଳ ତଥା ଅନ୍ୟ ଅଧିକାରୀମାନେ

**ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା**

ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡି, ଉପ ଉଦ୍ୟାନ ନିର୍ଦ୍ଦେଶକ ଚନ୍ଦ୍ରମୋହନ ସାହୁ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ରାଧେଶ୍ୟାମ ନାଏକ, ଏଡିଭିଓ ଡ଼ା. ସୁନିଲ ପ୍ରଧାନ, କୃଷି ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌରୀ ଶଙ୍କର ସାହୁ, ଅପିକଲ ଜିଲା ସଂଯୋଜକ ବୈଜୟନ୍ତୀମାଳା ମାଝୀ, ସହକାରୀ କୃଷି ଯନ୍ତ୍ରୀ ଇଂ ସୌରଭ ଗାଏନ, ସହକାରୀ କୃଷି ଯନ୍ତ୍ରୀ ଇଂ ନୀତେଶ ଗୋଣ୍ଡ, ସହକାରୀ ମତ୍ସ୍ୟ ଅଧିକାରୀ ବିଶ୍ୱଜିତ ସରକାର ଏବଂ ନିଳାଞ୍ଚଳ ସାହୁ, ଲିଡ ବ୍ୟାଙ୍କ ଅଫିସର ପ୍ରମୁଖ ଉପସ୍ଥିତି ଥିଲେ।

# ପର୍ଯ୍ୟଟନ ସ୍ଥଳୀ ବୁଲିବାକୁ ଆସି ପର୍ଯ୍ୟଟକଙ୍କ ମୃତ୍ୟୁ

ପଟ୍ଟାଙ୍ଗି,୨୯।୧୨(ଶରତ ଧଳ)


ଅଗ୍ନିଶମ କର୍ମଚାରୀ ଜଳପ୍ରପାତରୁ ପର୍ଯ୍ୟଟକଙ୍କ ମୃତଦେହ ବାହାର କରୁଛନ୍ତି।

ପର୍ଯ୍ୟଟନ ସ୍ଥଳୀ ବୁଲିବା ହେଲାକୁ ଆସି ଜଣେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଡ୍ରାଇଭର ଏସ କେ ଆଜାଦ ମହମ୍ମଦଙ୍କ ମୃତ୍ୟୁହୋଇଛି। ସେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ନୂଆଁଗା ପଞ୍ଚାୟତର ଗାଲିଗାବାଡାର ରଥିବାଲି ଜଳପ୍ରପାତ ବୁଲିବାକୁ ଆସିଥିଲେ। ଖବରରୁ ଜଣାପଡିଛି, କଟକ ଜିଲା ଜଗତପୁର ଅଞ୍ଚଳରେ ରହୁଥିବା ସଦଗୁରୁ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ସିଇଓଙ୍କ ଡ୍ରାଇଭର ମହମ୍ମଦ ୪ ଜଣ ସାଥୀଙ୍କ ସହ ଉପରୋକ୍ତ ଜଳ ପ୍ରପାତ ବୁଲିବାକ ଆସିଥିଲେ। ସେ ତଳ ଭାଗରେ ବୋହି ଯାଉଥିବା ପାଣିରେ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ପାଣିର ଗଭୀରକୁ ଚାଲିଯାଇ ଆଉ ବାହାରିପାରି ନ ଥିଲେ। ତାଙ୍କସହ ଥିବା ସାଥୀମାନେ ଏନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ମହମ୍ମଦଙ୍କୁ ପାଣିରୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। କବରପାଇ କୋଟିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ ମଧ୍ୟ କୌଣସି ସହାୟତା କରିପାରି ନ ଥିଲା। ଏହି ସମୟରେ ଘଟଣା ସ୍ଥଳରେ ଉପସ୍ଥିତ ଅନ୍ୟ ପର୍ଯ୍ୟଟକେ ଓ ଗାଲିଗାବାଡାର ଗ୍ରାମବାସୀଙ୍କ ସହଯୋଗରେ ଅଗ୍ନିଶମ କର୍ମଚାରୀ ମହମ୍ମଦଙ୍କୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ବିଳମ୍ବିତ ରାତି ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ଶନିବାର ସକାଳୁ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି ।

# କ୍ରିକେଟ୍ ମ୍ୟାଚରେ ଡାବୁଗାଁ ସ୍ୱାଗତ ଏକାଦଶ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଡାବୁଗାଁ, ୨୯।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ନୂଆ- ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ନୂଆ – ଓ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଆୟୋଜିତ କ୍ରିକେଟ୍ ମ୍ୟାଚରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ମୋଟ ୧୦ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଡାବୁଗାଁ ସ୍ୱାଗତ ଏକାଦଶ ଓ କୋଇଲାରୀ ରାଇ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୋଇଲାରୀ ରାଇ ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରେ ୭ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲେ। ଡାବୁଗାଁ ସ୍ୱାଗତ ଏକାଦଶ ଦଳ ୭ ଓଭରରେ ୧ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ଏଥିରେ ଅମ୍ପାୟର ଭାବେ କ୍ରୀଡା ଶିକ୍ଷକ ହେମନ୍ତ କୁମାର ସାମଲ ଓ ବାସୁଦେବ ରଥ ଦାୟିତ୍ୱରେ ଥିଲେ। କ୍ରୀଷ୍ଟା ହରିଜନ ସୁନ୍ଦର ଭାବ କମେଣ୍ଟ୍ରି କରିଥିଲେ । ଶେଷରେ ବିଜୟୀ ଦଳକୁ କପ୍ ସହ ୨୦ ହଜାର ଟଙ୍କା, ପରାଜିତ ଦଳକୁ କପ୍ ସହ ୧୫ ହଜାର ଟଙ୍କା ଏବଂ ରନର୍ସ –୧ ଷ୍ଟାର ଦଳକୁ ୧୦ ହଜାର ଟଙ୍କା ଓ ରନର୍ସ –୨ ଡାବୁଗାଁ ଦିଲଦାର ଦଳକୁ ୧୦ ହଜାର ଟଙ୍କା ଦେଇ ପୁରସ୍କୃତ କରଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ବୀଣା ମାଝି, ଏମ୍‌ପି ପ୍ରତିନିଧି ଏମ. ଆପ୍ପା ରାଓ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଜିଲା ଆଥଲେଟିକ ଆସୋସିଏଶନ ସଭ୍ୟ ବାବି ଜେନା, ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା । ଏଥିରେ ସରସ୍ୱତୀ ଶିଶୁ ମନ୍ଦିର ପ୍ରଥମ, ଉର୍ମିଳା ଓ ପ୍ରମିଳା ଗ୍ରୁପ ଦ୍ୱିତୀୟ ଓ ଶୁଭଶ୍ରୀ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ । କୃତୀ ସାଂସ୍କୃତିକ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ ବିଜ୍ଞାନ କେନ୍ଦ୍ର

ଜୟପୁର, ୨୯।୧୨ (ପବନ ପାଣିଗ୍ରାହୀ)

ଓଡ଼ିଶା ସରକାର ବିଜ୍ଞାନ ଓ କାରିଗରି ବିଭାଗର କୋରାପୁଟ ଜିଲା ଜୟପୁର ଫୁଲବାଡ ପଡିଆଠାରେ ଥିବା ଜିଲା ବିଜ୍ଞାନ କେନ୍ଦ୍ରକୁ ଶୁକ୍ରବାର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା ପରିଦର୍ଶନ କରିଛନ୍ତି। ଏହି କେନ୍ଦ୍ର ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବ ବୋଲି ମନ୍ତ୍ରୀ ପଣ୍ଡା ଏହି ଅବସରରେ କହିଛନ୍ତି। ପ୍ରତ୍ୟେକ ଜିଲାରେ ବିଜ୍ଞାନ କେନ୍ଦ୍ର ହେଉଛି । କୋରାପୁଟ ଜିଲା ପାଇଁ ଜୟପୁରଠାରେ ହୋଇଛି । ବିଜ୍ଞାନ କେନ୍ଦ୍ର କାର୍ଯ୍ୟ ଶେଷ ହୋଇ କାଗଜପତ୍ର କାମ ଚାଲିଛି, ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁବ୍ ଶୀଘ୍ର ଉଦ୍‌ଘାଟନ କରିବେ ବୋଲି ମନ୍ତ୍ରୀ ପଣ୍ଡା ସୂଚନା ଦେଇଛନ୍ତି । ବିଜ୍ଞାନ କେନ୍ଦ୍ର ଲୋକାର୍ପଣ ହେଲେ ଏହା ଉକ୍ତ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ପାଇଁ ବେଶ୍ ଉପଯୋଗୀ ହେବ। ମନ୍ତ୍ରୀ ପଣ୍ଡାଙ୍କ ସହ ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଉପସ୍ଥିତ ଥିଲେ। ଗତ ୩।୩।୨୧ରେ ମୁଖ୍ୟମନ୍ତ୍ରୀ ଏହି ବିଜ୍ଞାନକେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ବିଜ୍ଞାନ କେନ୍ଦ୍ର ସାଢେ ୬ ଏକର ଜମିରେ ନିର୍ମାଣ ହୋଇଛି। ଏଥିପାଇଁ ୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଏହି କେନ୍ଦ୍ରରେ ୩ଟି ଗ୍ୟାଲେରି ରହିଛି। ଟିକେଟ କାଉଣ୍ଟର, ଗାଡି ପାର୍କିଂ, ଅଫିସ, ଲାଇବ୍ରେରି ଆଦି ହୋଇଛି। ବିଜ୍ଞାନକେନ୍ଦ୍ର ପାଇଁ ଦୀର୍ଘ ବର୍ଷ ହେବ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଦାବି କରି ଆସୁଥିଲେ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି। ରେଳ ଯୋଗାଯୋଗ, ଏୟାରପୋର୍ଟ , ମୋବାଇଲ ନେଟ୍‌ୱର୍କ, ଜାତୀୟ ରାଜପଥ ପାର୍ଶ୍ୱ ହୋଇଥିବାରୁ ବିଜ୍ଞାନକେନ୍ଦ୍ର ପାଇଁ ଏହି ସ୍ଥାନକୁ ଚୟନ କରାଯାଇଥିବା ମନ୍ତ୍ରୀ ପଣ୍ଡା କହିଥିଲେ।

# ରାମମନ୍ଦିର ପ୍ରତିଷ୍ଠା ଉତ୍ସବକୁ ନେଇ ବୈଠକ

ଜୟପୁର,୨୯।୧୨(ପବନ ପାଣିଗ୍ରାହୀ)

ଜୟପୁର ସ୍ଥିତ ସ୍ଥାନୀୟ ଚୈତନ୍ୟ ମନ୍ଦିରଠାରେ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତିଷ୍ଠା ଉତ୍ସବ ସମ୍ପର୍କରେ ହିନ୍ଦୁ ସମାଜ ପକ୍ଷରୁ ଆଲୋଚନା ହୋଇଥିଲା। ଏହି ପବିତ୍ର ଦିବସରେ ଜୟପୁରଠାରେ ମଧ୍ୟ କିଛି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଆବାହକ ନିରଞ୍ଜନ ପାଣିଗ୍ରାହୀ ସଂଯୋଜକ ବରୁଣ ଜୈନ ଏବଂ ନିଖିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଉଳକନ୍ତି ଗ୍ରାମରେ ପହଞ୍ଚିଲା ଡାକ୍ତରୀ ଟିମ୍

ଦଶମନ୍ତପୁର, ୨୯।୧୨ (ଅରବିନ୍ଦ ନାୟକ)


ଚାଷୀମାନଙ୍କ ସହ ଡାକ୍ତର ଆଲୋଚନା କରୁଛନ୍ତି ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ଚାଉଳକନ୍ତି ଗ୍ରାମରେ ଫୁଲାରୋଗର ଶିକାର ହୋଇ ୪ ଛେଳିଙ୍କ ମୃତ ଘଟଣାରେ ଶୁକ୍ରବାର ଏକ ଡାକ୍ତରୀଦଳ ଚାଉଳକନ୍ତି ଗ୍ରାମରେ ପହଞ୍ଚିଛି। ୨୭।୧୨।୨୩ରେ ଫୁଲାରୋଗରେ ବନ ମାଣ୍ଡିଙ୍ଗାଙ୍କ ୨ଟି ଛେଳି, ଅନନ୍ତ ବିଶୋୟୀଙ୍କ ଗୋଟିଏ ମେଣ୍ଢା ଓ ଭିକାରୀ କୁଲିସିକାଙ୍କ ୪ଟି ଛେଳିର ମୃତ୍ୟୁ ହୋଇଥିଲା। ଚନ୍ଦ୍ର ହିକକାଙ୍କ ଗୋଟିଏ ଛେଳିର ବେକ ଫୁଲା ଆରମ୍ଭ ହୋଇଥିଲା। ଏନେଇ ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ ଯୋଗେ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁଧାକର ବେହେରାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଚାଉଳକନ୍ତି ଗ୍ରାମରେ ପହଞ୍ଚି କ୍ୟାମ୍ପ କରି ଆକ୍ରାନ୍ତ ଛେଳିଗୁଡିକର ଚିକିତ୍ସା କରିଥିଲେ। ପ୍ରାଣୀମାନଙ୍କ ଯତ୍ନ କିପରି ନେବ ସେନେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସରନ୍ତି ଅନ୍ତର୍ନିହିତ ପ୍ରତିଭା ରହିଛି: ବିଧାୟକ


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।

କୋରାପୁଟ/ନାରାୟଣପାଟଣା,୨୯।୧୨ (ଅମିତାଭ ବେହେରା /ରାଜକିଶୋର ଜେନା)

**ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ**

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ରାଧାକ୍ରିଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଚାଲିଥିବା ବ୍ଲକସ୍ତରୀୟ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର ଜେନା ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଭୁ ଜାନି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ଝିନ୍ନ ହିକକା, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପୂର୍ବତନ ବିଧାୟକ କୈଳାସ କୁଲସିକା, ପୂର୍ବତନ ଏମ୍‌ପି ପାର୍ଭତି କୌଶଲ୍ୟା ହିକକା, ବିଦ୍ୟାଳୟ ପ୍ରତିଷ୍ଠାତା ବି.କୁମାର ସ୍ୱାମୀ ଗୁପ୍ତା, ନାରାୟଣପାଟଣା ସରପଞ୍ଚ ରେବତୀ କୁଦାରିୟ, ବିଜେଡି ବ୍ଲକ ସଭାପତି ଏସ୍. ଏଗି ନାରାୟଣ, ବିଜେଡି ଯୁବ ସଭାପତି ଏନ୍. ବିନୋଦ କୁମାର, ବିଧାୟକ ପ୍ରତିନିଧି କେ. ସାୟା ରାଜୁ, ସାମାଜିକ କର୍ମୀ ଦୟାନିଧି ପ୍ରଧାନ, କ୍ରିଷ୍ଟଦାସ ଗରଡ଼ା, ପି.ଜନାର୍ଦ୍ଦନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ୧୫ ଦିନ ଧରି ଏହି ଯୁବ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତ୍ୟହ ଛାତ୍ରୀଛାତ୍ରମାନେ ସହର ପରିକ୍ରମାକରି ଲୋକଙ୍କୁ ସଚେତନ କରିଥିଲେ। ବିଧାୟକ ପ୍ରଭୁ ଜାନି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କଷ୍ଟ କଲେ କୃଷ୍ଣ ମିଳେ, କଠିନ ପରିଶ୍ରମ କେବେ ଅନ୍ୟଥା ହୋଇ ନ ଥାଏ ବୋଲି ବିଧାୟକ ଜାନି ପ୍ରକାଶ କରି ପିଲାମାନେ ହେଉଛନ୍ତି ଈଶ୍ୱରଙ୍କର ଅବତାର। ସେମାନଙ୍କଠାରେ ଅସରନ୍ତି ଅନ୍ତର୍ନିହିତ ପ୍ରତିଭା ରହିଛ। ସେମାନଙ୍କୁ ଉଚିତ ମାର୍ଗରେ ପରିଚାଳିତ କରିବା ଏବଂ ସୁନାଗରିକ ଭାବେ ଗଢି ତୋଳିବା ଅଧ୍ୟାପକମାନଙ୍କ ଦାୟିତ୍ୱ ବୋଲି ବିଧାୟକ ଜାନି ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ପ୍ରଜାରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ରଜତ ହିଆଲ ଧନ୍ୟବାଦ ଦେଇଥିଲେ।

# ଉନ୍ନତ କିସମର ପନିପରିବା ବିହନ ବଣ୍ଟନ

ନବରଙ୍ଗପୁର,୨୯।୧୨ (ସଦାଶିବ ପ୍ରହରାଜ)


ଚାଷୀଙ୍କୁ ଉନ୍ନତମାନର ବିହନ ବଣ୍ଟନ କରାଯାଉଛି।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅଫିସ ମିଶନ ଶକ୍ତି ସଭାଗୃହରେ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ସଂସ୍ଥା ପକ୍ଷରୁ ଡିବିଟି କିଷାନ କାର୍ଯ୍ୟକ୍ରମ ଜରିଆରେ ଉନ୍ନତ କିସମର ପନିପରିବା ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ ପ୍ରୀତିରଞ୍ଜନ ରଥ ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ମାଟି, ପାଣି, ଖାଦ୍ୟସାର ସାଙ୍ଗକୁ ଉନ୍ନତ କିସମର ବିହନ ଚାଷୀଙ୍କୁ ଅଧିକ ଲାଭ ଦେଇପାରିବ ବୋଲି ସେ କହିଥିଲେ । ଓରମାସର ଉପ କାର୍ଯ୍ୟ ନିର୍ବାହୀ ଏ.ଉମା ମହେଶ ଯୋଗଦେଇ ଉନ୍ନତ ଜ୍ଞାନ କୌଶଳ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ।

ଉମରକୋଟ ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ସରୋଜ କୁମାର କୁମାର ଧାରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବେଙ୍ଗାଲୁରୁସ୍ଥିତ ଭାରତୀୟ ଉଦ୍ୟାନ କୃଷି ଗବେଷଣା ସଂସ୍ଥାନର ବିଜ୍ଞାନ ସଞ୍ଚାରକ ଲକ୍ଷ୍ମୀ ନାରାୟଣ ବକ୍ସି ଯୋଗଦେଇଥିଲେ। ଉନ୍ନତମାନର ବିହନରେ ରୋଗ ଓ ପୋକ ଆକ୍ରମଣ ସହନ ଶକ୍ତି ଅଧିକ ରହିଥିବା ବେଳେ ଉତ୍ପାଦନ ମଧ୍ୟ ଅଧିକ ହୋଇଥାଏ ବୋଲି ଲକ୍ଷ୍ମୀ ନାରାୟଣ ବକ୍ସି କହିଥିଲେ। ଭୁବନେଶ୍ୱରସ୍ଥିତ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ସହଯୋଗରେ ଲଙ୍କା ମରିଚ ୪୫ ଏକର , ଭେଣ୍ଡି ୧୫ ଏକର, ବିନ୍ସ ୩୦ ଏକର , ଝୁଡଙ୍ଗ ୧୦ ଏକର ଓ ଅଧିକ ଅମଳକ୍ଷମ ଟମାଟୋ ୫ ଏକର ମଞ୍ଜି ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରୋଜେକ୍ଟ ସଂଯୋଜକ ଜୟନ୍ତ ପ୍ରାସାଦ ରଥ ଓ ବିଏଲଏଫର ସଭାପତି ରୁକ୍ମିଣୀ ହରିଜନ ସହ ବିଭିନ୍ନ ପଞ୍ଚାୟତର କୃଷିମିତ୍ରମାନେ ଉପସ୍ଥିତ ଥିଲେ।

# ଚନ୍ଦାହାଣ୍ଡିରେ ଅକ୍ଷତ କଳସକୁ ସ୍ୱାଗତ

ଚନ୍ଦାହାଣ୍ଡି,୨୯।୧୨(ଦିଲୀପ ଦାସ)

ଅଯୋଧ୍ୟାରୁ ଆସିଥିବା ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଅକ୍ଷତ କଳସ ଓ ନିମନ୍ତ୍ରଣ ପତ୍ର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିସ୍ଥିତ ଗାୟତ୍ରୀ ମନ୍ଦିରରୁ ଜଗନ୍ନାଥ ମନ୍ଦିର ଆସିଛି। ଚନ୍ଦାହାଣ୍ଡି ବ୍ଲକର ସମସ୍ତ ପଞ୍ଚାୟତର ସମସ୍ତ ଘରକୁ ଅକ୍ଷତ, ଶ୍ରୀରାମ ମନ୍ଦିର ଫଟୋ ସହ ନିମନ୍ତ୍ରଣପତ୍ର ଯୋଗାଇବା ପାଇଁ ବଜରଙ୍ଗ ଦଳ, ହିନ୍ଦୁ ମହାସଂଘ, ଗାୟତ୍ରୀ ପରିବାର, ଏକଲବ୍ୟ ବିଦ୍ୟାଳୟ ସହ ଅନେକ ସଂଘର କାର୍ଯ୍ୟକର୍ତ୍ତା ଯୋଗଦେଇ କଳସକୁ ସ୍ୱାଗତ ଜଣାଇ କୀର୍ତ୍ତନ, ଭଜନ ସହ ଜୟ ଶ୍ରୀରାମ ନାରାରେ ନଗର ପରିକ୍ରମା କରିଥିଲେ। ପରେ ଏହି ଅକ୍ଷତ କଳସ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ପହଞ୍ଚାଇ ଥିଲେ । ଉକ୍ତ କାର୍ଯ୍ୟରେ ହିନ୍ଦୁ ମହାସଂଘର ସଭାପତି ଶ୍ରୀମନ୍ତ ରଥ, ବଜରଙ୍ଗ ଦଳ ଲୋକେଶ ସମରଥ, ହୃଷୀକେଶ ନାୟକ, କଣ୍ଟେଶ୍ୱର ନାୟକ,ଗୌତମ ଜୈନ, ବିମଲ ଜୈନ, ଚୈତୁ ରାମ ଦଣ୍ଡସେନା, କ୍ରିଷ୍ଟା, ହେମନ୍ତ ରଥ, ଶୁଭମ, ରାଜା, ପିଙ୍କୁନ,ନିଖିଲ,ଲଳିତ,ରୋହିତ ଦିପ୍ତୀପ୍ରଭା, ଦେବାଶିଷ ପଟେଲ, ଯୁଜେଷ୍ଟି ପଟେଲ, ବାବୁଲାଲ, ଟିକିରାମ, ଡମ୍ବରୁ, ସୁବଳ ବାଘ, ନକୁଳ, ତୀରନ ଆଦି ଉପସ୍ଥିତ ରହି କାର୍ଯ୍ୟ ନିବାରଣ କରିଥିଲେ । ଗ୍ରାମବାସୀ ମଧ୍ୟ ଭବ୍ୟ ସ୍ୱାଗତ କରି ଅକ୍ଷତ ଦର୍ଶନ କରିଥିଲେ।



# ଡାବୁଗାଁରେ ପାରମ୍ପରିକ କୃଷିଭିତ୍ତିକ ପର୍ବ ଦିଆଲି

ଡାବୁଗାଁ,୨୯।୧୨ (ପ୍ରଜ୍ଞାରଞ୍ଜନ ପରିଡା)


ଦିଆଲି ପର୍ବରେ ଗୋରୁଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ନବରଙ୍ଗପୁର ଜିଲା ଆଦିବାସୀ ଅଧ୍ୟୁଷିତ ଡାବୁଗାଁ ବ୍ଲକର ବିଭିନ୍ନ ଗ୍ରାମରେ କୃଷିଭିତ୍ତିକ ପର୍ବଦିଆଲି ଶୁକ୍ରବାର ପାଳିତ ହୋଇଯାଇଛି। ଧାନ ଓ ବିଭିନ୍ନ ଫସଲ ଅମଳ ସରିବା ପରେ ଆଦିବାସୀମାନେ ଦିଆଲି ପର୍ବ ପାଳନ କରିଥାନ୍ତି। ଏହି ଅବସରରେ ଗ୍ରାମର ସମସ୍ତ ପରିବାର ନିଜ ନିଜ ଗାଈ ବଳଦଙ୍କୁ ପୂଜାର୍ଚ୍ଚନା କରିବା ପରେ ବିଭିନ୍ନ ପ୍ରକାର ପିଠାପଣା ଓ ଭୋଜିଭାତ କରି ପୂଜା କରିବା ସହ ନିଜେ ଖାଇଥାନ୍ତି। ଡାବୁଗାଁ ବ୍ଲକର ପ୍ରାୟ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି। ଏହି ବ୍ଲକର ଆଦିବାସୀ ସମ୍ପ୍ରଦାୟର ଲୋକେ ବର୍ଷକ ମଧ୍ୟରେ ବିଭିନ୍ନ ପ୍ରକାର କୃଷିଭିତ୍ତିକ ପର୍ବ ପାଳନ କରିଥାନ୍ତି । ଏଥିମଧ୍ୟରୁ 'ଦିଆଲି' ପର୍ବ ଅନ୍ୟତମ। ଜମିରୁ ଫସଲ ଅମଳ ହେବା ପରେ ଏହି କୃଷିଭିତ୍ତିକ ପର୍ବ ପାଳନ କରାଯାଏ। ଜମିର ଫସଲ ସମ୍ପୂର୍ଣ୍ଣ ଅମଳ ହେବା ପରେ ଗ୍ରାମର ମୁଖିଆ ଏବଂ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଥାଏ । ଏହି ନିର୍ଦ୍ଦିଷ୍ଟ ଗ୍ରାମରେ କେବେ ଦିଆଲି ପର୍ବ ପାଳନ ହେବ ସେନେଇ ବେଠକରେ ଦିନ ଧାର୍ଯ୍ୟ ହୋଇଥାଏ। ପରେ ଚଲାଣ ଦ୍ୱାରା ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ସୂଚନା ଦିଆଯାଏ । ଦିଆଲି ପର୍ବ ପୂର୍ବରୁ ଗାଁର ଅଳିଆ ଆବର୍ଜନା ସବୁ ସଫା କରାଯାଇ ଗାଁ ବାହାରେ ବା ଗ୍ରାମ ଶେଷମୁଣ୍ଡରେ ଏକ ନିର୍ଜନ ସ୍ଥାନରେ ପକାଯାଏ । ଏହାର ଠିକ ୩/୪ଦିନ ପରେ ଆଦିବାସୀ ଭଉଣୀ ଭାଇଙ୍କ ଏହି ପାରମ୍ପରିକ କୃଷିଭିତ୍ତିକ ପର୍ବ ଦିଆଲି ପାଳିତ ହୋଇଥାଏ।

